**ଶିଳାଲେଖ**

## ଗାୟତ୍ରୀବାଳା ପଣ୍ଡା

କିଛି ଗୋଟାଏ
ଲେଖିଦେଇଚି କିଏ
ଆକାଶ ସିଲଟରେ
ପବନ ଖଡ଼ିରେ ।

ବଡ଼ଦିନରେ ବଣଭୋଜି
କରିବାକୁ ଯାଇଥିବା
ଉଚ୍ଛୃଙ୍ଖଳ ଟୋକାଦଳ
ବୟସର ଭାଙ୍ଗନିଶାରେ

ପଥର ସନ୍ଧିରେ
ଲୁଚି ରହିଥିବା ଅଜଗର
ବର୍ଷବର୍ଷର କ୍ଷୋଭରେ

ଫେରାର୍ କୁଆଟିଏ
ଦିନଦିନର ଭୋକ
ଏବଂ ଅଯୋଗ୍ୟପଣରେ ।

କିଏ ଗୋଟାଏ ଭାଙ୍ଗିଦେଇଚି ମନକୁ
ଛେଚିଛେଚି ପଥର ଦିହରେ
ରକ୍ତ ବୁଡ଼େଇ ଲେଖିଦେଇଚି
ଯାହାକିଛି ବି
ଆମକୁ ଆଶ୍ଚର୍ଯ୍ୟ ଲାଗୁଚି ।
ଭିଡ଼ ଜମୁଚି-ପ୍ରେକ୍ଷାଳୟରେ
ଖେଳପଡ଼ିଆରେ
ଜଣେ ସବ୍‌ଜାନ୍ତା ଭଙ୍ଗୀରେ
କିଛି ବୁଝଉଚି ତ
ଜଣେ ବୁଝିଯାଉଚି
ବର୍ଷବର୍ଷର ବଧିରତ୍ୱରେ ।
ତେଣେ କିଏ
ପୋଛିଚାଲିଚି ଅକ୍ଷରସବୁକୁ
ଅହଙ୍କାରର ଓଦାକନାରେ
ତ ପୋଛିଚାଲିଚି ।

ଆଶ୍ଚର୍ଯ୍ୟ !
ବେଳୁବେଳ ଉଜ୍ଜ୍ୱଳ ଦିଶୁଚି ମୁହଁ
ସିଲଟରେ
ସ୍ୱଷ୍ଟ ପଢ଼ିହଉଚି ଅକ୍ଷର
ଅନ୍ଧାରରେ

ସେ ଭାଙ୍ଗ ନିଶାରେ ହଉ
କି କ୍ଷୋଭରେ
କି ଅଯୋଗ୍ୟପଣରେ
ଦିନେ ଲେଖିଦେଇଥିବା ଶବ୍ଦପୁଂଜାଏ
ଚୋଟ ମାରିବ ପୃଥିବୀକୁ
ତାର ଅଦେଖା ଜାଗାରେ ବୋଲି

ଏପର୍ଯ୍ୟନ୍ତ ବି ଜଣାନାହିଁ କାହାକୁ

ସେ କୁଆ
ସେ ଅଜଗର
କି ଟୋକାଦଳଙ୍କୁ ।

**ଖୁଉବ୍ ମାମୁଲି**

**ଗାୟତ୍ରୀବାଳା ପଣ୍ଡା**

ଗୋଟେ ଛିଟପକା ନାଲି ଫ୍ରକ୍‌ରେ
ଅତି ଅପ୍ରତ୍ୟାଶିତ ଭାବେ
ଶୁଖିଯାଇଥାଏ ଗୋଟିଏ ରକ୍ତ ଦାଗ।

ଯାହା ତମ ଆଖିକୁ ଦିଶେନି
ମୋ ଆଖିକୁ ଦିଶେନି
ଅଥଚ ଚୁପ୍‌ଚାପ୍ ସେମେଟି ଯାଇଥିବା
ପୀଡ଼ାଟି ଭିତରେ ସେ ତଥାପି
ଜୀଇରହିଥାଏ, ପ୍ରତିଶୋଧ କି ମୁକ୍ତି ଲାଗି।

ପା   ବର୍ଷର ଝିଅର ସେ ଫ୍ରକ୍‌ଟି
ଦିନେ କିଣାଯାଇଥିଲା
ଯେକୌଣସି ଏକ ଯାଇତାଇ
ଦୋକାନରୁ କି ହାଟରୁ
ଶହେ, ଦେଢ଼ଶ ଟଙ୍କାରେ
ନାଲିରଙ୍ଗର ଛିଟପକା ସେ ଫ୍ରକ୍ ପିନ୍ଧି
ଝିଅ ଖୁସିଥିଲା
ଫ୍ରକ୍‌ର ଘେରଧରି ନାଚୁଥିଲା
ଚକାଚକା ଭଉଁରୀ, ମାମୁଁଘର ଚଉଁରୀ।

ସେଇ ନାଲିରଙ୍ଗର ଛିଟଫୁଲରେ
ଦିନେ ମିଶିଗଲା
ଅବାଂଛିତ ପୀଡ଼ାର ରକ୍ତଦାଗଟିଏ
ବିକଳ କୋହର ଉଷୁମ ଲୁହଧାରଟିଏ
କା'ର ଜଂଘସନ୍ଧିରୁ ଉତୁରି ଆସିଥିବା
ନିହାତି ନିର୍ଲ୍ଲଜ ଲାଳସାଟିଏ

ପା   ବର୍ଷର ସେଇ ଝିଅ
କ୍ଷୁଧାର ମାନେ
ପାଶବିକତାର ମାନେ
କାନ୍ଦର ମାନେ ବୁଝିଗଲା ସେଦିନ

ହେଲେ ସେଇ ନାଲିରଙ୍ଗ ସହ ମିଶି
ଆହୁରି ଲାଲ୍ ଦିଶୁଥିବା
ଧାରେ ବିଦ୍ରୋହ କଥା
କହିପାରିଲାନି କାହାକୁ

ସେଦିନଠୁ ସେ ଭୁଲିଗଲା
ନାଚିବା
ନାଚିନାଚି ଗାଇବା
ଚକାଚକା ଭଉଁରୀ, ମାମୁଁଘର ଚଉଁରୀ।

ନିଜ ଜଖ୍ମୀପଣରେ ଗଢ଼ା
ଗୋଟେ ଅନିଶ୍ଚିତ ଭବିଷ୍ୟତପାଇଁ
ତଥାପି ବଂଚିରହିଲା ସେ ଝିଅ
ସାମିଲ୍ ହେବାକୁ

ନାରୀ ପ୍ରଗତି ହିଁ ଦେଶର ପ୍ରଗତି ସ୍ଲୋଗାନ୍‌ରେ।

# ପ୍ରେକ୍ଷାଳୟ

ଗାୟତ୍ରୀବାଳା ପଣ୍ଡା

ଗୁଡ଼ାଏ ମିଛ ସଂପର୍କ ଛିଡ଼ାରହିଛନ୍ତି
ପୃଥିବୀର ମ    ଉପରେ।

କିଏ କାହାକୁ ବୋକ ଦଉଚି ତ
କିଏ କାନ୍ଦି ପକଉଚି
କାହାର ଦୁଃଖରେ।

ଏହାପରେ
ତମେ ହିଁ ଆସିବ
ଶବ୍ଦ ହୋଇ
ସକାଳ ହୋଇ
ସମ୍ଭାବନା ହୋଇ
ନିରବଧିର କପାଳରେ

ଏହାପରେ
ତମେ ହିଁ ପୋଛିନବ ଦୁଃଖ
ଭାଗ୍ୟ ହୋଇ
ଭଗବାନ୍ ହୋଇ
ଭବିତବ୍ୟ ହୋଇ
ନିରାପ   ାର ଚଦରରେ।

ଏହାପରେ
ତମେ ହିଁ ପାଲଟିଯିବ ନିଃସ୍ୱ
ଦାୟିତ୍ୱ
କ  ର୍ବ୍ୟ
ଏବଂ ଈଶ୍ୱରଙ୍କ ଦ୍ୱାହି ଦେଇ
ସ୍ୱଭାବସୁଲଭ ସରଳତାରେ।

ତାପରଠୁଁ
ଧୀରେଧୀରେ ବନ୍ଦ୍ ହୋଇଆସିବ
କରତାଳିର ରକ୍ତପ୍ରବାହ

ଧୀରେଧୀରେ ଦର୍ଶକ ଉଠିପଡ଼ିବେ
ଯେଝା ଠା'ରୁ

ଧୀରେଧୀରେ ଶୂନ୍ୟତା ସଂଚରିଯିବ
ଆତ୍ମୀୟତାର ସ୍ନାୟୁରେ

ଥରୁଟିଏ ଆଲୁଅ ଲିଭିଲାପରେ
କେହି କାହାକୁ ଚିହ୍ନିବାନି

ତମେ ତମ ବାଟରେ ଯିବ ତ
ମୁଁ ମୋ ବାଟରେ।

# ଧର୍ମ

## ଗାୟତ୍ରୀବାଳା ପଣ୍ଡା

ସେମାନେ ଫେରିଗଲେଣି, ଧର୍ମରକ୍ଷକମାନେ
ନିଜ ନିଜର ପୃଥକ୍ ମୃତ୍ୟୁ
ପୃଥକ୍ ପୃଥକ୍ ରକ୍ତ
ଓ ରକ୍ତର ବାସ୍ନା ନେଇ।

ଏବେ ସେଠି ଘୂରିବୁଲୁଚି
କେବେ ବି ଭରିବାକୁ ନଥିବା କିଛି କ୍ଷତ
ସାଇଁସାଇଁ ଶୂନ୍ୟତା
ଏବଂ ରକ୍ତସେଚିତ ଉଦ୍ଦାମତା।

ତାକୁ ଆମେ ନାଁ ଦେଇଚୁ
ଆମର ଦେଶପ୍ରେମ
ଆମର ସଂହତି
ଆମର ବିଜୟୋଲ୍ଲାସ।

ତମେ ହସନି
ଦୁଃଖ ବି କରନି
ଆଶ୍ଚର୍ଯ୍ୟ ହେବାର ବି କିଛି ନାହିଁ
ଛିଣ୍ଡା ସ୍ୱପ୍ନର ଚଦର ତଳେ
କବର ନଉଚି ଆଗାମୀ ପୀଢ଼ିର ଭ୍ରୂଣ
ତା’ ହାତରେ ତ୍ରିଶୂଳ, ତଲୱାର, ପଗଡ଼ି
କିଛି ଧରାଅନି।

ସେ ପଚାରୁଚି
କେମିତି ବିଭକ୍ତ ହୁଏ ଧର୍ମ
କେମିତି ବିଭକ୍ତ ହୁଏ
ଧର୍ମର ସଂଜ୍ଞା, ରକ୍ତ, ହୃଦୟ
ପଚାରୁଚି କେମିତି ତଉଲାଯାଏ ଦେଶପ୍ରେମ
ମଣିଷମାନେ ନିଜର ମୁଣ୍ଡ କଟିଯିବାପରେ ବି
କେମିତି ନାଚନ୍ତି ମାଟି ଉପରେ
ଉଦଣ୍ଡ, ଉଲଗ୍ନ, ଉଚ୍ଛୃଙ୍ଖଳ
ଯୋଉ ମାଟିକୁ ସେମାନେ କହନ୍ତି ଧର୍ମପୀଠ
ସେ ପଚାରୁଚି।

ତାକୁ କହିଦିଅ
ଧର୍ମ ପକ୍ଷୀ ନୁହଁ
ଯାହାର କାଟିଦିଆଯାଇପାରେ ଡେଣା
ଧର୍ମ ପୋଷାକ ନୁହଁ
ଯାହାକୁ ଉତାରି ଫିଙ୍ଗିହୁଏ ଦେହରୁ
ଧର୍ମ ପ୍ରକଳ୍ପ ନୁହଁ
ଯାହାକୁ ନେଇ ତିଆରି କରାଯାଏ
ଯୋଜନା ପରେ ଯୋଜନା
ଧର୍ମ ଏକ ପାଦଚଲା ରାସ୍ତା ବି ନୁହଁ
ଯାହାକୁ ହାଣି ବଦଳା ଯାଇପାରେ ଦିଗ

ଜନ୍ମ ନବାକୁ ଥିବା ଭ୍ରୂଣକୁ କହିଦିଅ
ଧର୍ମ ଗୋଟେ ପରିବ୍ୟାପ୍ତ ଆକାଶୀ ଚେତନା।

**କାଶ୍ମୀର**

**ଗାୟତ୍ରୀବାଳା ପଣ୍ଡା**

ଗୋଟିଏ ଶୋକ ଜର୍ଜରିତ ସକାଳ
କେମିତି ଲମ୍ବା ହୋଇଯାଉଚି ଦେଖ
ମୋର ସମୁଦାୟ ଆୟୁଷର
ସଫଳ ଅହଙ୍କାରଠୁଁ।

ମୁଁ ଜାଣିଚି, ଯେତେ ସ୍କୁଲ୍ ବ୍ୟାଗ୍ ପଡ଼ିଥିଲା
ଶ୍ରେଣୀଗୃହରେ
ବିକ୍ଷିପ୍ତ, ରକ୍ତାକ୍ତ
ସେ ମଧ୍ୟରୁ କେଉଁଟି ବି
ମୋ ପିଲାଙ୍କର ନଥିଲା
ଯେତେ ରକ୍ତବୁନ୍ଦା ଶୁଖିଯାଇଥିଲା
ସଡ଼କ ଉପରେ, ଗଳିଗଳିରେ
ସେଥିରୁ କେଉଁ ବୁନ୍ଦାକ ବି
ନଥିଲା ମୋ ଆତ୍ମୀୟଙ୍କର

ତଥାପି କେଜାଣି କେଉଁଭଳି ଏକ ଆଶଙ୍କା
ଏକ ବ୍ୟାକୁଳିତ ମୁହୂର୍ତ୍ତ
ଏକ ନିରବଚ୍ଛିନ୍ନ କୋହ
ପିଛା କରୁଥିଲା ମୋର
ସତ କହୁଚି,
ପକ୍ଷୀଙ୍କର କିଚିରିମିଚିରି
ମତେ ଆଦୌ ଶୁଭୁନଥିଲା।

ମୋର ପ୍ରତିଟି ଚା' କପ୍‌ରେ ଆସି
ଓହ୍ଲଉଥିଲା ସେ ସକାଳ
ଯୋଉ ସକାଳେ ସ୍କୁଲ୍ ହତାରେ
ଫୁଟିଯାଇଥିଲା ବୋମା
ବନ୍ଧୁକ ଆୱାଜ୍‌ରେ
ସ୍ତବ୍ଧ ହୋଇଯାଇଥିଲା ସହର
ଜନଶୂନ୍ୟ ରାସ୍ତା ଉପରେ
ଖୁବ୍ ନିର୍ଭୀକ ପଦଚାରଣା କରୁଥିଲା
କର୍ଫ୍ୟୁ, ଗୋଟେ ଭରପୁର ଆତଙ୍କ।

ମୋର କିଛି ହଜିନଥିଲା
ଉଜୁଡ଼ିନଥିଲା କି ଭାଙ୍ଗିନଥିଲା କିଛି
ଘରେ ମୋର ଡାଲି, ଚାଉଳ, ତେଲ, ଲୁଣ
ପରିବାପତ୍ର, ସିଝାଅଣ୍ଡା
ଯଥେଷ୍ଟ ମହଜୁଦ୍ ଥିଲା
ପଚାଶଟି ଚ୍ୟାନେଲ୍ ଆସୁଥିଲା କେବୁଲ୍ ଟିଭିରେ
ଘରେ ନୂଆ ଡିସ୍‌ଟେମ୍ପର୍ ଲଗା ହେଉଥିଲା
ପ୍ରାତଃଭ୍ରମଣରେ ଗଲାବେଳେ
ବଜାରକୁ ଆସିଥିବା ନୂଆ ମଡ଼େଲ୍ କାର୍
ବିଷୟରେ ଚର୍ଚ୍ଚା ହେଉଥିଲା।

ତଥାପି ସତ କହୁଚି
ଯେତେବେଳେ ବି ଚାହିଁଦେଉଥିଲି ଆକାଶକୁ
ତରାଙ୍କ ଆଖିଡୋଳାରେ
ସେଇ ନିଷ୍ପାପ ଶିଶୁଙ୍କ ଚାହାଣୀମାନ
ଇ ସାରାବେଳ ଦପ୍‌ଦପେଇ ଉଠୁଥିଲା।